# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 30th January - 2025

**********************************

*Desk*

## ଉତ୍କର୍ଷ ଓଡ଼ିଶା

ଉତ୍କର୍ଷ ଓଡ଼ିଶା : ମେକ୍ ଇନ୍ ଓଡ଼ିଶା ସମ୍ମିଳନୀ ଅତ୍ୟନ୍ତ ସଫଳତାର ସହ ଶେଷ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସ୍ୱାକ୍ଷରିତ ହୋଇଥିବା ବୁଝାମଣାପତ୍ରଗୁଡ଼ିକୁ ବାସ୍ତବ ରୂପ ଦେବାପାଇଁ ସରକାର ଏକ ସ୍ୱତନ୍ତ୍ର ବ୍ୟବସ୍ଥା ପ୍ରଣୟନ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଉଦ୍ଯାପନୀ ସମାରୋହରେ ଶ୍ରୀ ମାଝୀ କହିଛନ୍ତି, ଏହି ସମ୍ମିଳନୀ ଅବସରରେ ବିଭିନ୍ନ କ୍ଷେତ୍ରପାଇଁ ମୋଟ୍ ୧୪୫ଟି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ରାଜ୍ୟରେ ପ୍ରାୟ ୧୨ ଲକ୍ଷ ୮୯ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବାବେଳେ ଏହାଦ୍ୱାରା ପ୍ରାୟ ୮ ଲକ୍ଷ ୯୪ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସମ୍ମିଳନୀର ପ୍ରଦର୍ଶନୀ ମଣ୍ଡପଗୁଡ଼ିକ ସାଧାରଣ ଜନତାଙ୍କ ପାଇଁ ଆଜି ଏବଂ ଆସନ୍ତାକାଲି ଖୋଲା ରହିବ ।

*Desk*

# ସୁଭଦ୍ରା ଯୋଜନା

ସୁଭଦ୍ରା ଯୋଜନା ମାଧ୍ୟମରେ ହିତାଧିକାରୀଙ୍କୁ ଋଣ ସୁବିଧା ପ୍ରଦାନର ବ୍ୟବସ୍ଥା କରାଯାଉଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ମହିଳା ସଶକ୍ତୀକରଣକୁ ଏହା ଅଧିକ ତ୍ୱରାନ୍ୱିତ କରିବ । ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ଏପର୍ଯ୍ୟନ୍ତ ସୁଭଦ୍ରା ଯୋଜନାରେ ୧ କୋଟି ୭ ଲକ୍ଷ ଯୋଗ୍ୟ ହିତାଧିକାରୀ ପଞ୍ଜିକୃତ ହୋଇଛନ୍ତି । ସେଥିମଧ୍ୟରୁ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟ କିସ୍ତି ଅର୍ଥ ପ୍ରଦାନ କରାଯାଇଥିବା ନେଇ ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି ।

***Voice :..........***

*Desk*

# ସଂସଦ - ସର୍ବଦଳୀୟ ବୈଠକ

ସଂସଦର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏହା ପୂର୍ବରୁ ଆଜି ନୂଆଦିଲ୍ଲୀରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ଅଧିବେଶନର ପ୍ରଥମ ଦିନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଲୋକସଭା ଓ ରାଜ୍ୟସଭାର ମିଳିତ ଅଧିବେଶନକୁ ସମ୍ବୋଧନ କରିବେ । ଆସନ୍ତା ଶନିବାର ୧ ତାରିଖରେ ଅର୍ଥମନ୍ତ୍ରୀ ନିର୍ମଳା ସୀତରମଣ ସାଧାରଣ ବଜେଟ୍ ଉପସ୍ଥାପନ କରିବେ ।

*Desk*

# ମଶାଧୂଆଁ ମେସିନ୍

ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ମଶା ପ୍ରାଦୁର୍ଭାବକୁ ପ୍ରତିହତ କରିବା ଲକ୍ଷ୍ୟରେ ଆଉ ୪ଟି ବଡ଼ ମଶାଧୂଆଁ ମେସିନ୍ ବ୍ୟବହାର କରାଯିବ ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ  ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ଭୁବନେଶ୍ୱରରେ ମଶାସଂଖ୍ୟା ବୃଦ୍ଧି ପାଇଛି ଏବଂ ଅଧିକ ମଶା ପ୍ରାଦୁର୍ଭାବ ଥିବା ଅଞ୍ଚଳକୁ ଚିହ୍ନଟ କରି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

*Ganjam/R*

# ଧାନକିଣା - ସମୀକ୍ଷା

ଗଞ୍ଜାମ ଜିଲ୍ଲାରେ ଧାନକିଣା ପ୍ରକ୍ରିୟାର ସ୍ଥିତି ନେଇ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମୀକ୍ଷା କରିଛନ୍ତି । ପଞ୍ଜିକୃତ ଚାଷୀଙ୍କଠାରୁ ଏପର୍ଯ୍ୟନ୍ତ ଧାର୍ଯ୍ୟ ଲକ୍ଷ୍ୟର ୫୦ ପ୍ରତିଶତ ଧାନ କ୍ରୟ ହୋଇସାରିଥିବାବେଳେ ଆଗାମୀ ୧୫ ଦିନ ମଧ୍ୟରେ ଧାନକିଣା ପ୍ରକ୍ରିୟା ଶେଷ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଧାନକିଣା ଟୋକନ୍‌ର ସମୟସୀମାକୁ ଆଉ ୧୫ ଦିନ ବୃଦ୍ଧି କରାଯାଇଥିବା ବୈଠକରୁ ଜଣାପଡ଼ିଛି ।

*Desk*

# ସାମାଜିକ ସୁରକ୍ଷା ବୈଠକ

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଦୁଇଦିନିଆ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମୀକ୍ଷା ବୈଠକ ଗତକାଲି ଉଦ୍‌ଯାପିତ ହୋଇଯାଇଛି । ଭୁବନେଶ୍ୱର ଲୋକସେବା ଭବନଠାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ସ୍ଥିତି ନେଇ ମତବିନିମୟ ହୋଇଥିଲା ।

*Desk*

# ଆଠଗଡ଼ - ବିଦେଶାଗତ ପକ୍ଷୀ

ଚଳିତ ବର୍ଷ ଆଠଗଡ଼ ବନଖଣ୍ଡକୁ ୮୦ଟି ପ୍ରଜାତିର ବିଦେଶାଗତ ପକ୍ଷୀଙ୍କ ଆଗମନ ହୋଇଥିଲା । ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆଠଗଡ଼ ବନଖଣ୍ଡକୁ ୫ଟି ବନାଞ୍ଚଳରେ ବିଭକ୍ତ କରାଯାଇ ପକ୍ଷୀଗଣନା କାର୍ଯ୍ୟ କରାଯାଇଥିଲା ।

*Desk*

# କ୍ରୀଡ଼ା ପ୍ରତିଯୋଗିତା

ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାର ସନ୍ତରଣ ବର୍ଗରେ ଓଡ଼ିଶା ପ୍ରଥମ ପଦକ ହାସଲ କରିଛି । ୧୦୦ ମିଟର

ବଟରଫ୍ଲାଏ ପ୍ରତିଯୋଗିତାରେ ସୃଷ୍ଟି ଉପାଧ୍ୟାୟ ବ୍ରୋଞ୍ଜ ପଦକ ଜିତିଛନ୍ତି । ଓଡ଼ିଶା ମହିଳା ଓ ପୁରୁଷ ରଗ୍‌ବୀ ଦଳ ସେମାନଙ୍କର ପ୍ରାରମ୍ଭିକ ମ୍ୟାଚ୍‌ରେ ଦିଲ୍ଲୀ ବିପକ୍ଷରେ ବିଜୟୀ ହୋଇଛନ୍ତି । ମହିଳା ଫୁଟ୍‌ବଲ୍ ପ୍ରତିଯୋଗିତାରେ ଓଡ଼ିଶା ହରିୟାଣାକୁ ୨-୧ ଗୋଲ୍‌ରେ ପରାସ୍ତ କରିଛି । ଖୋ-ଖୋ'ର ମହିଳା ବର୍ଗରେ ଓଡ଼ିଶା ଦିଲ୍ଲୀକୁ ପରାସ୍ତ କରିଛି ।

***Desk***

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ପୁରୁଷ ବର୍ଗ ପ୍ରତିଯୋଗିତାରେ ସେମିଫାଇନାଲ୍ ପର୍ଯ୍ୟାୟ ତାଲିକା ଚୂଡ଼ାନ୍ତ ହୋଇଛି । ଶ୍ରାଚି ରାଢ ବେଙ୍ଗଲ୍ ଟାଇଗର୍ସ, ହାଇଦ୍ରାବାଦ ତୋଫାନ୍ସ, ସୁର୍‌ମା ହକି କ୍ଲବ୍ ଏବଂ ତାମିଲ୍‌ନାଡୁ ଡ୍ରାଗନ୍ସ ସେମିଫାଇନାଲ୍ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସେମିଫାଇନାଲ୍‌ରେ ଆସନ୍ତାକାଲି ତାମିଲ୍‌ନାଡୁ ଡ୍ରାଗନ୍ସ ଓ ବେଙ୍ଗଲ୍ ଟାଇଗର୍ସ ଏବଂ ସୁର୍‌ମା ହକି କ୍ଲବ୍ ଓ ହାଇଦ୍ରାବାଦ ତୋଫାନ୍ସ ମଧ୍ୟରେ ଖେଳାଯିବ ।

ଗତକାଲିର ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ୟୁ.ପି. ରୁଦ୍ରସ୍ ତାମିଲ୍‌ନାଡୁ ଡ୍ରାଗନ୍ସକୁ ୩-୨ ଗୋଲ୍‌ରେ ହରାଇ ବିଜୟୀ ହୋଇଛି । ତେବେ ପଏଣ୍ଟ୍ ଆଧାରରେ ତାମିଲ୍‌ନାଡୁ ସେମିଫାଇନାଲ୍‌ରେ ପହଞ୍ଚିଛି । ଅନ୍ୟ ଏକ ମ୍ୟାଚ୍‌ରେ ସୁର୍‌ମା ହକି କ୍ଲବ୍' ବେଙ୍ଗଲ ଟାଇଗର୍ସକୁ ସୁଟ୍‌ଆଉଟ୍ ଜରିଆରେ ୩-୦ ଗୋଲ୍‌ରେ ପରାସ୍ତ କରି ସେମିଫାଇନାଲ୍ ପର୍ଯ୍ୟାୟରେ ସ୍ଥାନ ପକ୍କା କରିଛି ।

*Desk*

# ପାଣିପାଗ

ରାଜ୍ୟରେ ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ କରୁଥିବାରୁ ଆଜିଠାରୁ ତାପମାତ୍ରା ବୃଦ୍ଧି ପାଇବ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁଯାୟୀ ରାତିରେ ଥଣ୍ଡାର ପ୍ରଭାବ ହ୍ରାସ ପାଇବ । ବିଭିନ୍ନ ସ୍ଥାନରେ ତାପମାତ୍ରା ୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ସୂଚନା ଦେଇଛି ।

*****